ଦ୍ରୁପଦଙ୍କ ରାଜ୍ୟପ୍ରାପ୍ତି ଓ ତାଙ୍କ ଦ୍ୱାରା ଦ୍ରୋଣଙ୍କ ଅପମାନ
ଅନେକ କଲ୍ୟାଣ କଲେକ ତପୋବନ୍ତ
ଅନେକ ଧନ ଦିଲେ ଭାରଦ୍ୱାଦଶଙ୍କ ସୁତ । ୧ ।
ସମଦଣ୍ଡ ଘେନି ତହୁଂ ଗଲେକ ଦ୍ରୋପଦ
ପଞ୍ଚାଳ ଦେଶରେ ସେ ପ୍ରବେଶ ନରଇନ୍ଦ୍ର । ୨ ।
ପଞ୍ଚାଳ କଟକେ ଭିଆଇଲେ ନିଜ ପୁର
ସମସ୍ତ ଖଟିଲେ ସାୟେନ୍ତ ପାତ୍ର ପରିବାର । ୩ ।
ରାଜ୍ୟେ ଦ୍ରୋପଦ ବସିଲେ ନିଷ୍ଚିନ୍ତେ
ସଂସାର ପାଳନ କରାଇଲେ ଅନୁବ୍ରତେ । ୪ ।
ଦ୍ରୋଣେ ରହିଛନ୍ତି ମହାଭୈରବୀ ଗଙ୍ଗାକୂଳେ
କୃପୀକି ପୁରାଣ ବାକ୍ୟ କହନ୍ତି ପ୍ରାତକାଳେ । ୫ ।
ଗଙ୍ଗାକୂଳେ ଦ୍ରୋଣେ ରହିଲେ ସୀମନ୍ତେ
ସେ ବିଧି ବନ୍ଧାପନା ପୁତ୍ର କାର୍ଯ୍ୟ ଅର୍ଥେ । ୬ ।
ସିଂହ ମାସ କୃଷ୍ଣ ପକ୍ଷ ଷଷ୍ଠୀ ତିଥି
ସଉରିବାର ସେଦିନ ନକ୍ଷତ୍ର ରେବତୀ । ୭ । horoscope
ବିଷ୍ଟି ନାମେ କରଣ ଶୂଳ ନାମେ ଯୋଗ
ସପତମୀ ଚନ୍ଦ୍ର ହେଲା ଦିନଶେଷ ଭୋଗ । ୮ । horoscope
ରେବତୀର ଭୋଗ ରାତ୍ର ପାଞ୍ଚଘଡି ଗଲା
ଆଦ୍ୟ ନକ୍ଷତ୍ର ଅଶ୍ୱିନୀ ପ୍ରବେଶ ହୋଇଲା । ୯ । horoscope
ଯେ ତିନି ଦଣ୍ଡର ମଧ୍ୟେ ପୁତ୍ରେକ ହୋଇଲା ଜାତ
ମାତା ଗଣ୍ଡକୁ ପାଇଲା କୃପୀ ହୋଇଲା ହତ । ୧୦ ।
ପୁତ୍ର ଜାତ ହୋଅନ୍ତେ ମାତା ନାଶ ଗଲା
ଅଶସ୍ତମା ବୋଲି ଦ୍ରୋଣ ପୁତ୍ର ନାମ ଦିଲା । ୧୧ ।
ଅନେକ ବଇକୁଲ୍ୟ ସେ ହୋଇଲା ମହାତମା
ଅତି ଯତନେ ପାଳିଲେ ପୁତ୍ର ଅଶସ୍ତମା । ୧୨ ।
କୃପୀ ନାଶ ଗଲା ପୁତ୍ରକଇ ପ୍ରସବି
ଭାରିଯାକୁ ଦହନ କଲେ ଆରୋପିଣ ହବି । ୧୩ ।
ଅଗ୍ନି ସଂସ୍କାର କଲେକ ଦ୍ୱିଜବରେ
ପାଣିର ଫେଣ ନେଇ ଦିଅନ୍ତି ପୁତ୍ରର ତୁଣ୍ଡରେ । ୧୪ ।
ବନସ୍ତରେ ଥାଇ ସେ ଅମୃତା ନାମେ ଲାଇ
ତହିଂର ରସ ଦେଇ ଜୀଆନ୍ତି ବାଳୁତ ପୋଇ । ୧୫ ।
ମନେ ବିଚାରିଲେ ଦ୍ରୋଣେ ପଡିଲା ପରମାଦ
ଆମ୍ଭର ମଇତ୍ର ଯେ ଅଟନ୍ତି ଦ୍ରୋପଦ । ୧୬ ।
ମଇତ୍ର ତହିଂକି ଯେ ପୁତ୍ର ଗୋଟିକି ଘେନି ଯିବୁ
ଧେନୁ ଗାଇ ଗୋଟିୟେ ମାଗିଣ ଆଣିବୁ । ୧୭ ।

------

୬ ।୧ ସୀମନ୍ତେ-ସୀମନ୍ତୋନ୍ନୟନ କର୍ମ, ଯେହା ଗର୍ଭାଧାନାଦି ଦଶସଂସ୍କାର ମଧ୍ୟରେ ।

ଆବର ମାଗିବୁ ଆଶ୍ରମ ଖଣ୍ଡିୟେ
ସୁସ୍ତେଣ ରହିବୁ ପୁତ୍ର ଗୋଟି ବଡ ହେବା ଯାୟେ । ୧୮ ।
ବିପଦର କାଳ ମଇତ୍ର ହିଂ ସେ ସମ୍ଭାଳଇ
ସୋହଦ୍ର ଆଶ୍ରେ ନ ଯୋଗାଇ ବିପଦ କାଳକି । ୧୯ ।
ପତ୍ନୀ ଭ୍ରଷ୍ଟ ହୋଇଣ ସେ ଚିନ୍ତା ଅନ୍ତରାଳେ
ଦ୍ରୋଣେ ଚଳିଲେ ହୋ ରାଜ୍ୟ ଯେ ପଞ୍ଚାଳେ । ୨୦ ।

କୋଳେଣ ପୁତ୍ର ଯେ ଘେନିଣ ଅଶସ୍ତମା
ଦ୍ରୋପଦ ରାଜ୍ୟେ ଯାଇ ପ୍ରେଶ ମହାତମା । ୨୧ ।
ହସ୍ତେ ଦଣ୍ଡ କମଣ୍ଡଳ ବାଳ ପୁତ୍ର ଘେନି
ସିଂଘଦ୍ୱାର ଲୋକେ ତାଙ୍କୁ ନ ପାରିଲେ ଚିହ୍ନି । ୨୨ ।
ଅନେକ ରଥ ଗଜ ଅଶ୍ୱ ଯେ ସଇନି
ଗହଳ ଧଡୋଳ ଘାୟେ କତିରେ ଆଉଜିଲେ ମୁନି । ୨୩ ।
ଦ୍ରୋଣ ବୋଇଲେ ଦ୍ୱାର ନାୟେକକୁ ଚାହିଂ
ରାଜାର ଛାମୁରେ ବାବୁ ଜଣାଅ କି ନା ଯାଇଂ । ୨୪ ।
ଆମ୍ଭେ ରାଜାଙ୍କର ମଇତ୍ର ହାଦେ ଅଟୁଂ ବାବୁ
ଦ୍ୱାର ଛାଡିବୁ କି ଆମ୍ଭେ ଦ୍ରଶନ କରିବୁ । ୨୫ ।
ତାହା ଶୁଣି ହସିଲେ ଯେ ଦ୍ୱାରପାଳମାନେ
ବୋଇଲେ ପଳା ଯା ବ୍ରାହ୍ମଣ ବାତୁଲ ଅଗ୍ୟାନେ । ୨୬ ।
ତୁ ଅଟୁ ଦରିଦ୍ର ଭିଖାରୀ ବ୍ରାହ୍ମଣ ଦେଶାନ୍ତରୀ
ରାଜାକୁ ମଇତ୍ର ବୋଲୁ ଭୟ କିଂପା ନ କରି । ୨୭ ।
ଥୋକାୟେ ବୋଇଲେ ଆମ୍ଭର ଅଧିକାରୀ
ହତ ରାଜ୍ୟ କାଳେ ସେ ଥିଲେ ଦେଶାନ୍ତର କରି । ୨୮ ।
ସେକାଳରେ ଅବା ହୋଇଥିବେ ମଇତ୍ର
ଜଣାଇବା ପଣ୍ଡାୟେ ତୁମ୍ଭେ ରହିଥାଅ ୟେଥ । ୨୯ ।
ରଥ ଗଜ ଅଶ୍ୱ ସଇନି ବଡାଇ ଗହନ
କତିୟେ ହୋଇ ବସିଥାଅ କରାଇବା ଦ୍ରଶନ । ୩୦ ।
ଦେବାର୍ଚ୍ଚନା ସାରି ରାୟେ ରସାଣ ଲାଗି ହୋଇ
ଆସ୍ତାନ ନବରେ ବିଜେ ବାଂକିୟାରେ ଯାଇଂ । ୩୧ ।

--------

୨୫ ।୨  ତୁମ୍ଭେ ଛାମୁରେ ଜଣାଇଲେ ଦର୍ଶନ କରିବୁ । (ପା)

ୟେମନ୍ତର ସମୟେ ଦ୍ୱାର ନାୟକ ବେଗେ ଗଲା
ପ୍ରଣପତ୍ୟ ହୋଇଣ ଯେ ମଥାରେ ହାଥ ଦିଲା । ୩୨ ।
ଅବଧାନ ଭୋ ଦେବ ପଞ୍ଚାଳ ଆଧିପତି
ତୁମ୍ଭର ମଇତ୍ର ଦେବ ଆସିଣ ଅଛନ୍ତି । ୩୩ ।
ଦ୍ରୋପଦେ ବୋଇଲେ ଯେବେ ଅଇଲେ ମଇତ୍ରେ
ରଥ ଗଜ ଅଶ୍ୱ ପାଦାନ୍ତି ବଳ ଅଛନ୍ତି କେତେ । ୩୪ ।
ଦ୍ୱାରପାଳ ବୋଇଲେ ଶୁଣିମା ଦେବରାୟେ
ଦରିଦ୍ର ବ୍ରାହ୍ମଣେକ କୋଳେ ବାଳୁତ ପୁତ୍ର ଗୋଟିୟେ । ୩୫ ।
ଦଇବେ ହେଠମାଥ ରସ ଲାଗି ହୋଇ
ମହାମତ୍ତ ବେଳେ ସେ ଲାଗିଛି ଗଞ୍ଜାଇ । ୩୬ ।
ୟେମନ୍ତର ସମୟେ ଚାର କହିଲା ବାରତ
ଶୁଣିଣ କୋପ କଲେ ନୃପତି ଦ୍ରୋପତ । ୩୭ ।
ଆହୋ ରାଜ୍ୟରେ ମୋହୋର ପାତ୍ର ମନ୍ତ୍ରୀ ନାହାନ୍ତି ଯେ ପୁଣ
ରାଜାର ମଇତ୍ର ବୋଲଉଛି ଭିକ୍ଷୁକ ବ୍ରାହ୍ମଣ । ୩୮ ।
ୟେତେ ମାତ୍ରକ କଥା ନାହିଂନା ବିଚାରକୁ
ୟେସନେକ ବାରତା ଯେ ଜଣାଇଲ ମୁକୁ । ୩୯ ।
ମହାପ୍ରଭୁ ପଣେ ବୋଇଲେ ଦଣ୍ଡଧାରୀ
ମୋହୋର ଛାମୁରୁ ୟେହାକୁ ନିଅରେ ବାଳ ଧରି । ୪୦ ।
ଜଣାଇଲା ଦୂତ ଯେ ଦ୍ୱାର ଚାରମାନନ୍ତ
ଅନେକ ଦଣ୍ଡମଣ୍ଡ କରାଇଲେ ନୃପତ୍ୟ । ୪୧ ।

ଅପରାଧ ପାଇଣ ସେ ଦୂତେ ଅତି କୋପାନଳ
ଧାଇଂ ଧାଇଂ ଧଇଲେ ସେ ଦ୍ରୋଣଙ୍କର ବାଳ । ୪୨ ।
କାହିଂର ଅଟୁ ତୁ ରେ ଦାନୁଆ ବ୍ରାହ୍ମଣ
ରାଜାଙ୍କର ମଇତ୍ର ବୋଲି ବୋଇଲୁ ଅକାରଣ । ୪୩ ।
ତୋହୋରେଣ ଗଞ୍ଜଣା ପାଇଲୁ ଅପ୍ରମାଦେ
ଧର୍ମେ ବଞ୍ଚିଲୁ ଆମ୍ଭେ କିଂଚିତ ଅପରାଧେ । ୪୪ ।
-------
୩୯ ଯେତେକ ପାତେକ କଥା ନୋହିଲା ନିବାରଣ କରିବାକୁ
ଯେ ବାରତା ଜଣାଇବାକୁ ବୋଇଲା ଆମ୍ଭଙ୍କୁ । (ପା)
୪୨ ।୧ ପ୍ରାଞ୍ଜୟେ ପାଇଣ ସେ ଅତି କୋପାନଳ । (ପା)

କେ ଯାଇ ତାହାର କେଶ ଧଇଲେ କୋପ କରି
କେ ଲେଡା ଗୋଇଠା ବିଧା କହୁଣି ଅଛନ୍ତି ମାରି । ୪୫ ।
କେ ତୁଣ୍ଡେ ବିଣ୍ଡା ମାଡି ପକାବନ୍ତି ଧୂଳି
ବାଳୁତ ପୁଅ ଗୋଟି ଦେଉଅଛି ବୋବାଳି । ୪୬ ।
କେ କୁରୁଳି ଗାଲରେ ମାରନ୍ତି ନେଇ ବିଧା
କେ ଗୋଡେ ଫିଙ୍ଗାଇ ଗଲେ ପକାବନ୍ତି ଖୁନ୍ଦା । ୪୭ ।
ଅଇଣ୍ଠା ପତରେଣ ଟେଳା ମାରନ୍ତି ମିଶାଇ
ଧୂଳି ଆଞ୍ଜୁଳାୟେ କେ ମାରନ୍ତି ତାକୁ ନେଇ । ୪୮ ।
ହୁରିୟା ଜୁରିୟାମାନେ ମାରୁଛନ୍ତି ବେଢି କରି
ବଡ ବେଗେ ନଗ୍ରୁଂ ଦିଲେ ବାହାର କରି । ୪୯ ।
ବିକଳେ ଦ୍ରୋଣ ପୁଅ ଗୋଟି ଲଗାଇଛନ୍ତି ହିଆରେ
ବରଷଣ ପରାୟେ ଟେଳା ପଡୁଛନ୍ତି ଉପରେ । ୫୦ ।
ଅନେକ ପ୍ରାଭବ ପାଇଣ ଯେ ଅଇଲେ ବାହୁଡି
ବାହୁଡିଲେ ହୁରିଆମାନେ ନଗ୍ର ବାହାରେ ଛାଡି । ୫୧ ।
କେଶୀ ନଦୀକୂଳେ ବସି ବିଚାରନ୍ତି ଦ୍ରୋଣେ
ଚାଣ୍ଡାଳ ମୋଢା ତହିଂକି ଆମ୍ଭେ ଅଇଲୁ ଅକାରଣେ । ୫୨ ।
ଆହେ ପ୍ରଜାପତି ଯେମନ୍ତ କରି ଲେଖି
ରାଜପଣ ହେଲେ ଯେତେ ଗର୍ବ ହାଦେ ଦେଖି । ୫୩ ।
ଯେତେକ ବାଗେ ସମ୍ଭାଳିଲି ମୁଂହି ବନେ
କ୍ଷଣକର ଉପୁଗାର ଅହର୍ନିଶି ଥାଇ ମନେ । ୫୪ ।
ମୁଂ ଯେହାକୁ ସମ୍ଭାଳିଲି ଚଉବିଂଶ ବରଷ ପରିଯନ୍ତେ
ଯେଥକୁ ଉପୁଗାର ମାନ ହୋଇଲା ଯେତେ ମୋତେ । ୫୫ । ସଂଖ୍ୟା
ଶାହାସ୍ର ମିଥ୍ୟା କି ହୋଇଲା ଅବିଚାରେ
ଧର୍ମ ନାଶ ଗଲା ମୋର ପର ଉପୁଗାରେ । ୫୬-୩୫୧୭ ।
------
୫୧ ଅନେକ ପ୍ରାଭବ ପାଇଲେ ତପଚାରୀ
ବାହୁଡିଲେ ହୁରିୟାମାନେ ନଗ୍ରୁଂ ବାହାର କରି । (ପା)
୫୪ ।୨ କ୍ଷଣକର ଉପୁଗାର ନ ରଖିଲା ମନେ । (ପା)
********